# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 July – 2026

*********************************

## ମୁଖ୍ୟ ସମ୍ବାଦ

- ଆଷାଢ ଶୁକ୍ଳ ଦ୍ୱାଦଶୀ ତିଥିରେ ପୁରୀରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ଅଧରପଣା ନୀତି
- ମାତୃଭୂମିର ସୁରକ୍ଷା ପାଇଁ କାର୍ଗିଲ ବୀର ସହିଦଙ୍କ ସର୍ବୋଚ୍ଚ ବଳିଦାନ ସ୍ମରଣୀୟ ହୋଇ ରହିବ; ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

— 'କ୍ୟାଚ୍ ଦ ରେନ୍' ଅଭିଯାନରେ ଜଳ ଉତ୍ସର ସଂରକ୍ଷଣରେ ଭୁବନେଶ୍ୱରର ସଫଳତାକୁ କଲେ ପ୍ରଶଂସା

- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରହ୍ଲାଦ ଯୋଶୀ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ; ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

# ଅଧରପଣା ପ୍ରସ୍ତୁତି

ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଆଜି ଶ୍ରୀକ୍ଷେତ୍ର ପୁରୀରେ  ଶ୍ରୀଜୀଉମାନଙ୍କର ଗରୁଡ ଶୟନ ଓ ଅଧରପଣା ନୀତି ଅନୁଷ୍ଠିତ ହେଉଛି। ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଅଧରପଣା ନୀତି ଆରମ୍ଭ ହେବ। ମନ୍ଦିର ପ୍ରଶାସନ, ରାଘବ ଦାଶ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଆଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖିବାର ପରମ୍ପରା ରହିଛି। ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚ ତୁମ୍ୱ ଆକୃତିର ମାଟିର ତିନୋଟି ହାଣ୍ଡି ରଖାଯାଏ। ସିଂହଦ୍ୱାର ନିକଟ ଛାଉଣୀ ମଠ ସମ୍ମୁଖସ୍ଥ କୂଅରୁ ପାଣିଆ-ଆପଟ ସେବକ ତମ୍ବା ପାତ୍ରରେ ଜଳ ରଖିଥାନ୍ତି। ମହାସୁଆର ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ପତ୍ରୀବଡ଼ୁ, ସୁଆରବଡ଼ୁ ଓ ଗରାବଡ଼ୁ ପାଳିଆ ସେବକ ତିନି ରଥ ଉପରେ ପୂଜା କରିବାର ବିଧି ରହିଛି। ପରେ ପାଳିଆ ପୂଜାପଣ୍ଡା ପଂଚ ଉପଚାରରେ ପୂଜା କରିବା ସହ ପଣା ହାଣ୍ଡି ଭଙ୍ଗାଯାଏ। ରଥ ଉପରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଭୋଗ ହୋଇଥିବା ଅଧରପଣା ରଥର ପାର୍ଶ୍ୱ ଦେବାଦେବୀ ଓ ଚଣ୍ଡିଚାମୁଣ୍ଡାମାନଙ୍କ ପାଇଁ ସମର୍ପଣ କରାଯାଇଥାଏ। ଆସନ୍ତାକାଲି  ଠାକୁରମାନେ ନୀଳାଦ୍ରି ବିଜେ କରିବେ।

# ମନ୍ କି ବାତ୍

ମାତୃଭୂମିର ସୁରକ୍ଷା ପାଇଁ କାର୍ଗିଲ ବୀର ସହିଦଙ୍କ ସର୍ବୋଚ୍ଚ ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

କହିଛନ୍ତି। ଆକାଶବାଣୀର ୧୩୬ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନରେ ଦେଶବ୍ୟାପୀ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି । ଭାରତୀୟ ସୈନିକଙ୍କର ଅସାଧାରଣ ସାହସକୁ ଏହି ଦିବସ ସ୍ମରଣ କରାଉଛି । କାରଗିଲର ଉଚ୍ଚଶିଖର, ଅତ୍ୟନ୍ତ ପ୍ରତିକୂଳ ପାଗ ଏବଂ ଶତ୍ରୁପକ୍ଷ ଆହ୍ୱାନକୁ ଭାରତୀୟ ସୈନିକ ଯେଉଁଭଳି ସାମ୍ନା କରିଥିଲେ ତାହା ପ୍ରମାଣିତ କରିଛି ଯେ, ସେମାନଙ୍କର ଆତ୍ମା ଏକ ଆହ୍ୱାନଠାରୁ ଊର୍ଦ୍ଧ୍ୱରେ ରହିଥିଲା । ଚଳିତବର୍ଷ ସେହି ବୀରଙ୍କୁ ସ୍ମରଣକରି ସ୍ୱତନ୍ତ୍ର ସୌର୍ଯ୍ୟ ବିଜୟ ଯାତ୍ରା ଆୟୋଜିତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି.....

**V/O (Kargil Vijaya Diwas)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୪ ତାରିଖରେ ଦିଲ୍ଲୀର ଜାତୀୟ ଯୁଦ୍ଧସ୍ମାରକୀରୁ ବାହାରିଥିବା ମୋଟର ସାଇକଲ ର୍ୟାଲି ଦ୍ରାସ୍‌ର କାର୍‌ଗିଲ ଯୁଦ୍ଧସ୍ମାରକୀରେ ପହଞ୍ଚିବ । 'ଗୋଟିଏ ଯାତ୍ରା, ଗୋଟିଏ ରାଷ୍ଟ୍ର, ଗୋଟିଏ ସଲାମ' ଏହି ପ୍ରସଙ୍ଗରେ ମୋଟରସାଇକଲ ର୍ୟାଲି ଆୟୋଜିତ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧୀରେ  ଦେଶର ପ୍ରତିରକ୍ଷା ଉତ୍ପାଦନ, ରପ୍ତାନୀ ତଥା ବିଭିନ୍ନ ରାଷ୍ଟ୍ର ସହିତ ରାଜନୈତିକ ସହଯୋଗ ନୂତନ ଶିଖରରେ ପହଞ୍ଚି ପାରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ନୌସେନାରେ ଆଇଏନ୍‌ଏସ୍ ମହେନ୍ଦ୍ରଗିରିର ସାମିଲ, ଡିଆର୍‌ଡିଓ ପକ୍ଷରୁ ଉଷା ଓ ପିନାକ ଦୂରଗାମୀ କ୍ଷେପଣାସ୍ତ୍ରର ସଫଳ

ପରୀକ୍ଷଣ ଦେଶର ବୈଜ୍ଞାନିକ ଓ ଇଂଜିନୟିରଙ୍କ ସାମୂହିକ କାର୍ଯ୍ୟର ପ୍ରତିଫଳନ ବୋଲି କହିଥିଲେ।

ପ୍ରଧାନମନ୍ତ୍ରୀ 'କ୍ୟାଚ୍ ଦି ରେନ୍' ଅଭିଯାନ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ବର୍ଷାର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବା ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ୍। ଜଳଉତ୍ସ ଗୁଡ଼ିକର ପୁର୍ନଉଦ୍ଧାର, ବର୍ଷାଜଳ ଅମଳ, ଭୂତଳ ଜଳଭଣ୍ଡାର ବୃଦ୍ଧି ଏବଂ ଚାରାରୋପଣ ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିବା ସହିତ ଜଳ ଉତ୍ସର ସଂରକ୍ଷଣରେ ଭୁବନେଶ୍ୱରର ସଫଳତାକୁ ପ୍ରଶଂସା କରି କହିଥିଲେ...

**- V/O -**

କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ଖେଳାଳିଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ କହିଛନ୍ତି ଜାପାନ ଓପନ ବ୍ୟାଡମିଣ୍ଟନ ଟାଇଟଲ ହାସଲ କରିବାରେ ପି.ଭି. ସିନ୍ଧୁ ହେଉଛନ୍ତି ପ୍ରଥମ ଭାରତୀୟ ।

ସେହିଭଳି ଭାରତୀୟ ମହିଳା କ୍ରିକେଟ ଦଳରେ ଲର୍ଡ୍ସ ଷ୍ଟାଡିୟମଠାରେ ପ୍ରଥମ ଟେଷ୍ଟ ବିଜୟ ଉପରେ ମଧ୍ୟ ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ' ମହାକାଶ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ସଫଳତାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ବିକ୍ରମ-୧ର ସଫଳ ପରୀକ୍ଷଣ

ଦେଶର ଯୁବ ଉଦ୍‌ଭାବକଙ୍କ ପ୍ରେରଣା ଏବଂ ଚେଷ୍ଟାର ନିଦର୍ଶନ। ବିଜ୍ଞାନ ଅଲମ୍ପିଆଡ୍‌ରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

ପରିବେଶ ପ୍ରଦୂଷଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ଏବେ ବଡ ଆହ୍ୱାନ ସୃଷ୍ଟି କରିଛି । ପ୍ଲାଷ୍ଟିକ ପୁନଃଚକ୍ରଣ ମାଧ୍ୟମରେ ଆବର୍ଜନାର ସଦୁପଯୋଗ କରାଯାଇ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ। ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ଦକ୍ଷତା ଏବଂ ସୃଜନଶୀଳତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଲୋକାଲ ଫର ଭୋକାଲ ଭାବନାକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

ଗତ ୧୨ବର୍ଷ ମଧ୍ୟରେ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ୬ ଗୁଣ ବୃଦ୍ଧି ପାଇ ପ୍ରାୟ ୮ହଜାର କୋଟି ଟଙ୍କାରେ ପହଞ୍ଚିଛି । ଆଗାମୀ ପର୍ବପର୍ବାଣିରେ ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପରୁ ପ୍ରସ୍ତୁତ ଉତ୍ପାଦ କ୍ରୟ କରିବାକୁ ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O (Handicrafts)**

‘ହରଘର ତ୍ରିରଙ୍ଗା’ ଅଭିଯାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଏହା ଦେଶକୁ ଏକତ୍ରିତ କରିଛି । ଅଗଷ୍ଟ ୧୫ ପୂର୍ବରୁ ମାଇଁ ଗଭ୍

ପୋର୍ଟାଲରେ ନିଜସ୍ୱ ଚିନ୍ତାଧାରା ଏବଂ ପରାମର୍ଶକୁ ପଠାଇବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି।

## କାର୍ଗିଲ ବିଜୟ ଦିବସ

ସମଗ୍ର ଦେଶରେ ଆଜି ୨୭ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ୧୯୯୯ ମସିହାରେ ୮୪ଦିନର ଯୁଦ୍ଧରେ ସାରା ବିଶ୍ୱ ଦେଖିଥିଲା ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ। ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ମନେ ପକାଇବା ସହିତ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ହେଉଛି ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ । ବୀର ଯବାନଙ୍କ ବଳିଦାନ ଯୋଗୁଁ କାର୍ଗିଲର ଟାଇଗର ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ଭାରତୀୟ ସେନା ବିଜୟ ହାସଲ କରିଥିଲେ । କାର୍ଗିଲ ବିଜୟ ଦିବସ ଅବସରରେ କୃତଜ୍ଞରାଷ୍ଟ୍ର ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଚଳିତବର୍ଷ ମୁଖ୍ୟ କାର୍ଯ୍ୟକ୍ରମ ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକୀଠାରେ ଆୟୋଜିତ ହେଉଛି।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧମ ପୋଷ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ସହିଦ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ବୀର ଯୋଦ୍ଧାମାନଙ୍କ ଅଦ୍ୱିତୀୟ ପରାକ୍ରମ, ଅଟଳ ସଂକଳ୍ପ ଏବଂ

ଅନନ୍ୟ ରାଷ୍ଟ୍ରଭକ୍ତି ଭାରତୀୟ ସେନାର ଗୌରବମୟ ପରମ୍ପରାର ଅତୁଳନୀୟ ଉଦାହରଣ।

ଦେଶ ସର୍ବଦା ସେମାନଙ୍କ ନିକଟରେ ଋଣୀ ହୋଇ ରହିବ। ସହିଦ ଯବାନମାନଙ୍କ ବୀରତ୍ୱ ଗାଥା ଆଗାମୀ ପିଢିକୁ ରାଷ୍ଟ୍ରସେବା ଓ କର୍ତ୍ତବ୍ୟ ନିଷ୍ଠା ପଥରେ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି କହିଛନ୍ତି।

କାର୍ଗିଲ ଯୁଦ୍ଧରେ ଭାରତର ଐତିହାସିକ ବିଜୟ ଦେଶର ସାର୍ବଭୌମତ୍ୱ ଓ ଭୂଖଣ୍ଡ ଅଖଣ୍ଡତାର ଅନନ୍ୟ ଉଦାହରଣ ବୋଲି **ଉପରାଷ୍ଟ୍ରପତି** ସି.ପି. ରାଧାକ୍ରିଷ୍ଣନ କହିଛନ୍ତି। ଏହି ବିଜୟ ଭାରତର ସାମିକ ଶକ୍ତି, ଜାତୀୟ ଏକତା ଏବଂ ମାତୃଭୂମିକୁ ସୁରକ୍ଷା ଦେବାର ଦୃଢ ସଂକଳ୍ପର ପ୍ରମାଣ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସେନାବାହିନୀର ବୀର ଯବାନମାନଙ୍କ ଅପରୀମିତ ସାହସ ଓ ତ୍ୟାଗକୁ ସ୍ମରଣ କରିଛନ୍ତି।

**ପ୍ରତିରକ୍ଷାମନ୍ତ୍ରୀ** ରାଜନାଥ ସିଂ ରାଷ୍ଟ୍ରସେବାରେ ଜୀବନ ଉତ୍ସର୍ଗ କରିଥିବା କାର୍ଗିଲର ବୀର ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦ୍ରାସ୍‌ସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସୈନିକମାନଙ୍କ ସାହସିକତା ଓ ସର୍ବୋଚ୍ଚ ବଳିଦାନକୁ ସମ୍ମାନିତ କରିଥିଲେ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେମାନଙ୍କର ଅଦମ୍ୟ ସାହସ, ଅତୁଳନୀୟ ପରାକ୍ରମ ଏବଂ ରାଷ୍ଟ୍ର ପ୍ରତି ଅତୁଟ ସମର୍ପଣ ସଦାସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ।

କାର୍ଗିଲ ବିଜୟ ଦିବସ କେବଳ ଏକ ବିଜୟର ସ୍ମୃତି ନୁହେଁ ଏହା ଭାରତୀୟ ସେନାର ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ପ୍ରତୀକ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି।

# ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ଶିକ୍ଷାମନ୍ତ୍ରୀ ଭାବେ  ଅତିରକ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ କହିଛନ୍ତି, ନମ୍ରତା ଓ ଗଭୀର କର୍ତ୍ତବ୍ୟବୋଧ ସହିତ ଏହି ଦାୟିତ୍ୱକୁ ନିର୍ବାହ କରିବି। ଏ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ଯୋଶୀ ଏବେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ପ୍ରକ୍ରିୟାକରଣ, ସାଧାରଣ ବର୍ଣ୍ଟନ ଏବଂ ନୂତନ ଓ ନବୀକରଣୀୟ ଶକ୍ତି ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ସାର ଯୋଗାଣ

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି  ବ୍ଲକ୍ କୃଷି ବିଭାଗ କାର୍ଯ୍ୟାଳୟଠାରେ ଚାଷୀମାନଙ୍କୁ ସାର ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର ରାଉଳ ବୈଠକରେ

ଯୋଗଦେଇ ସାର ମହଜୁଦ, ବଣ୍ଟନ ବ୍ୟବସ୍ଥା, ସମୟୋପଯୋଗୀ ସାର ଯୋଗାଣ ସମ୍ପର୍କରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ସମ୍ବଲପୁରୀ ଦିନ

ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସମ୍ବଲପୁରୀ ଏକତା ମଂଚ ପକ୍ଷରୁ ଅଗଷ୍ଟ ପହିଲାକୁ ସମ୍ବଲପୁରୀ ଦିନ ଭାବରେ ପାଳନ କରିବା ପାଇଁ ଆୟୋଜନ କରାଯାଉଛି। ଏହି ଅବସରରେ ମଂଚ ପକ୍ଷରୁ ମା' ସମଲେଶ୍ୱରୀଙ୍କ ମନ୍ଦିରଠାରେ ସ୍ୱତନ୍ତ୍ର ଥିମ୍ ସଂଗକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉନ୍ମୋଚିତ କରିଛନ୍ତି।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ପ୍ରବଳ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି।